মেসর্স অতাবিরা নিয়ন্ত্রিত বজার সমিতি

বনাম

মেসর্স  গণেশ চাউল কল

মে 10, 1996

[কে. রামাস্বামী এবং জি. বি. পট্টনায়ক, ন্যায়মূর্ত্তি দ্বয়]

*ওড়িশা কৃষি উৎপাদন বজার অধিনিয়ম, 1956 :*

*ধারা 4(1)—অধিসূচিত বজার ক্ষেত্র—ঘোষণা করিবা—অধিসূচিত ক্ষেত্ররু ধান ক্রয়—বজার শুল্ক পইঠ করিবার দায়িত্ব—দর্শাযাইথিলা, এহি অধিনিয়ম অনুযায়ী অধিসূচিত ক্ষেত্র মধ্যরে আসুথিবা গ্রামগুড়িকরু ধান ক্রয় করুথিবা প্রতিবাদীমানঙ্কু বজার শুল্ক দেবাকু পড়িব ।*

দেওয়ানী অপিল অধিকারিতা : দেওয়ানী আবেদন সংখ্যা  9078/1996

ওড়িশা উচ্চ ন্যায়ালয়ঙ্ক ও .জে.সি. সংখ্যা 2337/1985 রে তা  21.3.91 রিখর রায় এবং আদেশরু ।

সহিত

স্বতন্ত্র অনুমতি আবেদন (সি) সংখ্যা 2092/1992 ।

আবেদনকারীঙ্ক পাইঁ সুনীল কে. জৈন ।

ন্যায়ালয়র নিম্নলিখিত আদেশ প্রদান করাযাইথিলা :

অনুমতি প্রদান করাগলা ।

আমে আবেদনকারীঙ্ক পাইঁ বিজ্ঞ অধিবক্তাঙ্কু শুণিলু  । যদিও 14 এপ্রিল 1992 রে প্রতিবাদীঙ্কু বিজ্ঞপ্তি পঠাযাইথিলা, আজি পর্য্যন্ত কৌণসি স্বীকৃতি কিম্বা অসেবিত লফাপা গ্রহণ করাযাইনাহিঁ । এহি পরিস্থিতিরে, প্রতিবাদীঙ্কু বিজ্ঞপ্তি প্রদান করাযাইথিবা বিবেচনা করাযিবা আবশ্যক ।

একমাত্র প্রশ্ন হেউছি : সহরটিকিরা এবং ভেড়েন অপিলকারীঙ্ক অধিসূচিত বজার ক্ষেত্র মধ্যরে অছি কি? এহা বিবাদীয় নুহেঁ যে, ওড়িশা কৃষি উৎপাদন বজার অধিনিয়ম, 1956 র ধারা 4 র উপধারা

(1) ଏବଂ  ଓଡ଼ିଶା ଅଧିନିୟମ 3, 1963 (ସଂକ୍ଷେପରେ 'ଅଧିନିୟମ') ଅନୁଯାୟୀ ରାଜ୍ୟ ସରକାର ଅଧିସୂଚିତ ବଜାର ଅଞ୍ଚଳକୁ ସଂଲଗ୍ନକ ସହିତ ଘୋଷଣା କରିଥିଲେ । ଅଧିସୂଚନାର ସଂଲଗ୍ନକ 'A' ଅନୁଯାୟୀ ଅନୁସୂଚୀ 'B' ରେ ନିର୍ଦ୍ଦିଷ୍ଟ ହୋଇଥିବା ପ୍ଲଟ୍ ଗୁଡ଼ିକ 8 କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଆସୁଥିବା ଅଞ୍ଚଳ, ଅଧିସୂଚିତ ଅଞ୍ଚଳ ବୋଲି ଉଲ୍ଲେଖ କରାଯାଇଥିଲା ।  ଅନୁସୂଚୀ 'B' ରେ ଏହା ଉଲ୍ଲେଖ କରାଯାଇଛି ଯେ ସମ୍ବଲପୁର ଜିଲ୍ଲାର ଅତାବିରା ଏବଂ ଭେଡ଼େନ ଥାନାରେ ଥିବା ଅଞ୍ଚଳ ଅଧିସୂଚିତ ଅଞ୍ଚଳ ମଧ୍ୟରେ ରହିଛି । ଏବେ ଦେଖିବାକୁ ମିଳିଛି ଯେ ସହରଟିକିରା ଏବଂ ଭେଡ଼େନ ଗ୍ରାମ ଉପରୋକ୍ତ ଥାନାରୁ 8 କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଅବସ୍ଥିତ । ଏଭଳି ପରିସ୍ଥିତିରେ, ଗ୍ରାମଗୁଡ଼ିକ ଅଧିସୂଚିତ ଅଞ୍ଚଳ ମଧ୍ୟରେ ଆସିଥାଏ । ପ୍ରତିବାଦୀ ସ୍ୱୀକାରଯୋଗ୍ୟ ଭାବେ ଅଧିସୂଚିତ ଅଞ୍ଚଳରୁ ଧାନ କିଣୁଛନ୍ତି । ଫଳସ୍ୱରୂପ ସେମାନଙ୍କୁ ଏହି ଅଧିନିୟମ ଅନୁଯାୟୀ ବଜାର ଶୁଳ୍କ ଦେବାକୁ ପଡ଼ିବ ।

ତଦନୁସାରେ ଅପିଲକୁ ଅନୁମତି ଦିଆଗଲା ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଓ. ଜେ. ସି. ସଂଖ୍ୟା. 2337/85 ରେ ମାର୍ଚ୍ଚ 21, 1991 ତାରିଖର ଆଦେଶକୁ ରଦ୍ଦ କରି ଦିଆଗଲା, କୌଣସି ଖର୍ଚ୍ଚ ନାହିଁ ।

*ଏସ୍.ଏଲ୍.ପି. (ସି) ସଂଖ୍ୟା 2092/1992*

ସ୍ୱତନ୍ତ୍ର ଅନୁମତି ଆବେଦନକୁ ପ୍ରତ୍ୟାହାର ବୋଲି ଦର୍ଶାଇ ଖାରଜ କରାଗଲା ।

ଆର୍.ପି.                                                                                ଆବେଦନକୁ ଖାରଜ କରାଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦିକା
ସସ୍ମିତା  ନାଏକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ